# କେନ୍ଦୁଝର: ଜାତୀୟ ପ୍ରେସ୍ ଦିବସ ପାଳିତ

କେନ୍ଦୁଝର, ୧୬.୧୧.        କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ଚଳିତ ନଭେମ୍ବର ୧୬ ତାରିଖ ଗୁରୁବାର ଦିନ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅନୁମୋଦନ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଉଦ୍‌ବୋଧନ ଦେଇ ଗଣମାଧ୍ୟମର ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ଜାତୀୟ ପ୍ରେସ୍ ଦିବସ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଜାତୀୟ ପ୍ରେସ୍ ଦିବସ ଅବସରରେ ଗଣମାଧମର ପ୍ରତିନିଧିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ଭାଷଣପ୍ରସଙ୍ଗରେ କହିଥିଲେ ଯେ, ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ମଧ୍ୟରେ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କର ଗଭୀର ଆସ୍ଥା ରହିଛି । ସେମାନେ ବ୍ୟକ୍ତିଗତ ଜୀବନରେ ବିଭିନ୍ନ ଘାତ ପ୍ରତିଘାତ, ସମସ୍ୟା ଭିତରେ ଥାଇ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ତଥା ମହାମାରୀ କୋଭିଡ୍ ସମୟରେ ସେମାନେ ଯେଭଳି ଭାବେ ନିଜ ଜୀବନକୁ ବାଜି ଲଗାଇ କର୍ତ୍ତବ୍ୟ ପ୍ରତି ଅଙ୍ଗୀକାର ପ୍ରକଟ କରିଥିଲେ ତାହା ବାସ୍ତବିକ୍ ଉଲ୍ଲେଖଯୋଗ୍ୟ ବୋଲି କହିଥିଲେ । ଏହି ସମାରୋହରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଗଣମାଧମର ପ୍ରତିନିଧିମାନଙ୍କୁ ଜାତୀୟ ପ୍ରେସ୍ ଦିବସ ଅବସରରେ ଶୁଭେଚ୍ଛା ଜଣାଇ ନିଜ ଅଭିଭାଷଣରେ ଜାତୀୟ ପ୍ରେସ୍ ଦିବସ ପାଳନର ଉଦ୍ଦେଶ୍ୟ ଓ ଅନୁଚିନ୍ତା ସଂପର୍କରେ ଆଲୋକପାତ କରି ଗଣମାଧମର ପ୍ରତିନିଧିମାନେ ସମାଜର ଉଲ୍ଲେଖନୀୟ ସେବା କରୁଛନ୍ତି ବୋଲି କହିଥିଲେ । ଚଳିତ ବର୍ଷର ଶୀର୍ଷକ କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ ଉପରେ ଆଲୋକପାତ କରି କହିଥିଲେ ଯେ ବର୍ତ୍ତମାନ ଗଣମାଧମର ସ୍ୱରୂପ ବଦଳିଛି । ସାମାଜିକ ଗଣମାଧମରେ ବେଳେବେଳେ ମିଥ୍ୟା ଖବର ପ୍ରସାରିତ ହେଉଛି । ଯାହାକି ସମାଜ ପାଇଁ କ୍ଷତିକାରକ । ଏଣୁ ଗଣମାଧମର ପ୍ରତିନିଧିମାନେ ଖବରର ସତ୍ୟାସତ୍ୟ ପରୀକ୍ଷା କରି ଖବର ପରିବେଷଣ କଲେ ତାହା ସମାଜ ପାଇଁ ମଙ୍ଗଳମୟ ହେବ । ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆକାଶବାଣୀ କେନ୍ଦୁଝରର ପ୍ରୋଗ୍ରାମ ହେଡ୍ ଆତ୍ମେଶର ଝା ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ ସଂପର୍କରେ ଆଲୋକପାତ କରି ଏହା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅଧିକ ଉତ୍ସାହିତ ଓ ଅଙ୍ଗୀକାରବଦ୍ଧ ହୋଇ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ରାଷ୍ଟ୍ର ନିର୍ମାଣରେ ଗଣମାଧମର ପ୍ରତିନିଧିମାନଙ୍କର ଭୂମିକା ସବୁବେଳେ ପ୍ରଶଂସନୀୟ ହୋଇ ରହିଆସିଅଛି । ଦେଶର ସାମଗ୍ରିକ ବିକାଶ କ୍ଷେତ୍ରରେ ବିବିଧ ଭାବରେ ଗଣମାଧମର ଅବଦାନ ରହିଛି । ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମାଜର ମୁଖପାତ୍ର ଭାବେ ଅଭିହିତ କରି ସେମାନଙ୍କ ଦ୍ୱାରା ପରିବେଷିତ ନିଛକ ସମ୍ବାଦ ପ୍ରଶାସନକୁ ସର୍ବଦା ସତର୍କ କରି ଦେଇଥାଏ ବୋଲି କହିବା ସହିତ ଏହାଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଥାଏ ବୋଲି କହିଥିଲେ । ପ୍ରେସ୍ କ୍ଲବ୍‌ର ସଭାପତି ନିରଞ୍ଜନ ନାୟକ, ସଂପାଦକ ଶରତ ଚନ୍ଦ୍ର ଦାସ ଓ ସାମ୍ବାଦିକ ପ୍ରଣୟ କୁମାର ପାଣି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସଂପ୍ରତି କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମର ଭୂମିକା ସଂପର୍କରେ ବିଶଦ ଆଲୋଚନା କରିଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଉପଖଂଡ଼ ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

16/11/2023

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ, କେନ୍ଦୁଝର